URGENT

58 07/6/16

**Government of Odisha**
Forest & Environment Department
-0-

No.10F(Cons) 73/2014 10056 /F&E, Bhubaneswar. dated the 26-5-16

From
Sri Debidutta Biswal, IFS
Special Secretary to Government

4650
07.06.16

To
The Collector, Jajpur

Sub: Allegations raised by Sri Lambodar Mohanta, Secretary, Forest Rights Committee, Kalarangiatta, Rasol GP regarding irregularities committed in Gram Sabhas convened on 11.4.2016 and 6.5.2016 for diversion of forest land for 206.304ha. of Sukinda Chromite mines of Tata Steel Ltd. and for 23.80ha. of forest land in Kalarangiatta chromite mines of M/s FACOR in Sukinda rea of Jajpur district respectivel .

Sir,

I am directed to enclose herewith the copy of representation dt.13.5.2016 of Sri Lambodar Mohanta, Secretary, Forest Rights Committee, Kalarangiatta, Rasol GP regarding irregularities committed in Gram Sabhas convened on 11.4.2016 and 6.5.2016 for diversion of forest land for 206.304ha. of Sukinda Chromite mines of Tata Steel Ltd. and for 23.80ha. of forest land in Kalarangiatta chromite mines of M/s FACOR in Sukinda area of Jajpur district respectively.

It is requested to kindly enquire into the allegations and furnish a factual report in the matter to this department early.

Yours faithfully,

29.5.16
Special Secretary to Government

Memo No. 10057 /F&E., Dated- 26-5-16

Copy with copy of enclosure forwarded to the Member Secretary, SPCB, Odisha, Bhubaneswar for information & necessary action. He is requested to kindly furnish his response on the issues raised in the representation as it relevant to his organization.

29.5.16
Special Secretary to Government

Memo No. 10058 /F&E., Dated- 26-5-16

Copy with copy of enclosure forwarded to the Pr.C.C.F., Odisha ,/RCCF, Angul for information & necessary action.

29.5.16
Special Secretary to Government

Memo No. 10059 /Dated. 26-5-16

Copy with copy of enclosure forwarded to the Divisional Forest Officer, Cuttack Forest Division for information and necessary action..

29.5.16
Special Secretary to Government

Memo No. 10060 /Dated. 26-5-16

Copy with copy of enclosure forwarded to the Steel & Mines Department for information and necessary action.

29.5.16
Special Secretary to Government

ମାନ୍ୟବର,

ଶ୍ରୀଯୁକ୍ତ ଜିଲ୍ଲାପାଳ, ଯାଜପୁର ଜିଲ୍ଲା, ଯାଜପୁର ।

ବିଷୟ- ଟାଟାଷ୍ଟିଲ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣି ଓ ଫେକର କମ୍ପାନୀର କଳେରଙ୍ଗି ( ଭୀମଟାଙ୍ଗର) ଖଣି ପାଇଁ ହୋଇଥିବା ଜନ ଶୁଣାଣି ବିଷୟରେ ଅଭିଯୋଗ ।

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ ଗତ ତା-୧୧/୦୪/୨୦୧୬ ରିଖ ଓ ତା-୬/୫/୨୦୧୬ ରିଖ ରେ ଯଥାକ୍ରମେ ଟାଟାଷ୍ଟିଲ ର ସୁକିନ୍ଦା କ୍ରୋମାଇଟ ଖଣିର ୨୦୬.୩୦୪ହେକ୍ଟର ଓ ଫେକର କମ୍ପାନୀର କଲରଙ୍ଗି ଅଡା(ଭୀମଟାଙ୍ଗର) କ୍ରୋମାଇଟ ଖଣିର ୨୩.୮୦ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିକୁ ପରିଣତ କରିବା ପାଇଁ ସୁକିନ୍ଦା ବ୍ଲକ, ରାଁସୋଳ ଗ୍ରା.ପ. ଅନ୍ତର୍ଗତ କଲରଙ୍ଗି ଅଡା ଶିବ ମନ୍ଦିର ପ୍ରାଙ୍ଗଣରେ ପଲ୍ଲୀ ସଭା/ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଲ୍ଲୀ ସଭା/ଗ୍ରାମ ସଭାରେ ନିମ୍ନଲିଖିତ ଅନିୟମିତତା ହୋଇଛି ।

୧. ଗ୍ରାମ ସଭା ବୈଠକରେ କୋରମ ପାଇଁ ଗ୍ରାମ ସଭାର ସମସ୍ତ ସଭ୍ୟଙ୍କର ଦୁଇ ତୃତୀୟାଂଶଠାରୁ ଅଧିକ ସଭ୍ୟ/ସଭ୍ୟା ଆବଶ୍ୟକ ହୋଇଥିବା ସ୍ଥଳେ ଏହି ଗ୍ରାମସଭା/ ପଲ୍ଲିସଭା ରେ ଆବଶ୍ୟକ କୋରମ ଅଭାବ ସହିତ ମୁକ୍ତ, ଅବାଧ ଓ ଉପଯୁକ୍ତ ଢଙ୍ଗରେ ହୋଇନାହିଁ । ପଲ୍ଲୀସଭାକୁ ସମର୍ଥନ କରିବା ନିମନ୍ତେ ପ୍ରଚୁର ଅର୍ଥ କାରବାର କରାଯାଇଛି । ଏହା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୬ର ଧାରା-୧୪ର ଉପଧାରା-୧ର ଆବଶ୍ୟକତା ଦୃଷ୍ଟିରୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର(ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୭ର ଧାରା-୪, ଉପଧାରା-୨ ଓ ଧାରା-୬ (ଡ) ଉଲଂଘନ ହୋଇଛି ।

୨. ଗ୍ରାମସଭା ଦ୍ୱାରା ଅଭିଯୋଗ ଫର୍ଦ୍ଦ ଦାଖଲ, ନିର୍ଦ୍ଧାରଣ ଓ ଯାଞ୍ଚ ପ୍ରଣାଳୀ ଓ ଜଙ୍ଗଲ ଅଧିକାର କମିଟିକୁ ସଂପୂର୍ଣ୍ଣ ଭାବେ ଉପେକ୍ଷା କରାଯାଇଛି । ଏହା ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ର ଧାରା ୧୧ର ଉପଧାରା-୧ (କ) ଓ (ଖ), ଉପଧାରା-୨(କ), (ଖ), (ଗ),(ଘ) ଓ (ଙ) ଉପଧାରା- ୩,୪, ୫,ର ସଂପୂର୍ଣ୍ଣ ଉଲଂଘନ କରାଯାଇଛି ।

୩. ଜଙ୍ଗଲ ଅଧିକାର ଆଇନ୍-୨୦୦୭ର ଧାରା-୧୩ (କ) ଅନୁସାରେ ଏହି ଅଞ୍ଚଳର ଉପଗ୍ରହ ପ୍ରେରିତ ଚିତ୍ର ସମୂହ DPR ରେ ସ୍ଥାନ ପାଇ ନାହିଁ ।

୪. ଭାରତ ସରକାରଙ୍କର ଜଳ ବିଭାଜିକା ପ୍ରକଳ୍ପର ପୁରିଆଝର ନାଳ ଅଣୁ ଜଳ ବିଭାଜିକା (M.W.S. code No- 0408010105390102) ର ଅନ୍ତର୍ଗତ ଏହି ଅଞ୍ଚଳ ଅଟେ । ଜଳ ବିଭାଜିକା କମିଟିଠାରୁ କୌଣସି N.O.C ନିଆଯାଇନାହିଁ । ଯାହା ଦ୍ୱାରା ଜଙ୍ଗଲ ଅଧିକାର ଆଇନ- ୨୦୦୬ର ଧାରା-୫, ଉପଧାରା-୧ର ଉପବିଧି (ଖ) ନିୟମର ଉଲଂଘନ କରାଯାଇଛି ।

୫. ଉପଗ୍ରହ ମାନଚିତ୍ର ଅନୁସାରେ ଏହି ଜଳ ବିଭାଜିକା ଅଞ୍ଚଳର ଡମଶାଳ ନାଳ ସହିତ ୪ଟି ପ୍ରାକୃତିକ ଜଳ ଉତ୍ସ (Natural water resources channel) ର ଉପର ମୁଣ୍ଡରେ ଏହି ଖଣି ଖନନ ଦ୍ୱାରା ଜଳଉତ୍ସ ସଂପୂର୍ଣ୍ଣ ଭାବେ ପ୍ରଭାବିତ ହେଉଛି । ଯାହା ଦ୍ୱାରା ଏହି ଅଞ୍ଚଳରେ ଜଳ ସଂକଟ ଦେଖାଦେଇଛି । ଏହି Water channel ଗୁଡିକ recharge କରିବା ପାଇଁ କମ୍ପାନୀ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

୬. ଭାରତ ସରକାରଙ୍କର CSR policy Rule-2014 ର sehedule-VII ଅନୁଯାୟୀ CSR activities ଫେକର କମ୍ପାନୀ ଏ ଅଞ୍ଚଳରେ ଗୋଟିଏ ବି ଉନ୍ନୟନ ମୂଳ କାର୍ଯ୍ୟ କରିନାହିଁ ।

୭. Chromium Hexaralent ବିଷାକ୍ତ ଜଳ ଏ ଅଞ୍ଚଳର permissible limit ଠାରୁ ଅଧିକ ମାତ୍ରାରେ ରହୁଅଛି । ଏହା ବିଭିନ୍ନ ସରକାରୀ ଓ ବେସରକାରୀ report ରେ ଦର୍ଶାଯାଇଛି । ଏହା ଏ ଅଞ୍ଚଳ ପାଇଁ ଏକ ଅଭିଶପ୍ତରେ ପରିଣତ ହୋଇଛି । ଖଣି କର୍ତ୍ତୃପକ୍ଷ ଏହାର ସମାଧାନ ପାଇଁ ETP ବ୍ୟତିତ ଅନ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି ।

ଏଣୁ ବିନୀତ ପ୍ରାର୍ଥନା କରୁଅଛୁକି ଯେ ଆପଣ ସହୃଦୟ ହୋଇ ଏହି ଅନିୟମିତତାର ତଦନ୍ତ କରି ଏହି ପଲ୍ଲୀସଭାକୁ ବାତିଲ କଲେ ଆମ୍ଭେ ସୁକିନ୍ଦା ଖଣି ଅଞ୍ଚଳବାସୀ ଚିରୋପକୃତ ହେବୁ ।

କଲରିଙ୍ଗା ଅତ୍ତା

ତା- ୧୭/୪/୨୦୧୭

ଇତି

ଆପଣଙ୍କର ବିଶ୍ୱସ୍ତ

Copy to The Principal Secretary, Forest & Environment Dept. Govt. of Odisha. BBSR.

Lambodar Mohanta

ସଂପାଦକ

ଜଙ୍ଗଲ ଅଧିକାର, କମିଟି

କଲରଙ୍ଗାଅତା, ଗାଁପୋଡ ଗ୍ରା.ପ.